ସମ୍ବାଦ

# ସାଲେପୁର କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ସାଲେପୁର, ୨୫।୧ (ଇମିସ): ସାଲେପୁର କଲେଜରେ ଆଜି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ୮ ଦିନ ଧରି ହେବାକୁ ଥିବା ଏହି ଶିବିରକୁ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ଶୁଭ୍ରା ସଙ୍ଗୀତା ମଲ୍ଲିକ ଓ ଭାଗ୍ୟଲକ୍ଷ୍ମୀ ପରିଡ଼ା +୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ କଲେଜର ଆତ୍ମରକ୍ଷା ତାଲିମ ସଂଯୋଜିକା ତଥା ଅଧ୍ୟାପିକା ରଶ୍ମିତା ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର, ଡକ୍ଟର ପ୍ରଦ୍ୟୁମ୍ନ ଚୌଧୁରୀ, ଡକ୍ଟର ଅସିତ୍ ପରିଜା, ଡକ୍ଟର ସ୍ୱାତୀ ପଣ୍ଡା, ଡକ୍ଟର ଜୟବର୍ଦ୍ଧନ ଜେନା, ଡକ୍ଟର ସୁଶାନ୍ତ କୁମାର ପାଢ଼ୀ, ସ୍ୱାତୀ ତନୟା ଆଚାରି, ଆର୍ଯ୍ୟପୁତ୍ରି ସ୍ଥିତପ୍ରଜ୍ଞା, ହରପ୍ରିୟା ସିଂହ, ପ୍ରାଚିସ୍ମିତା ପୁହାଣ, ସଞ୍ଜୟ ନାୟକ, ରଞ୍ଜନ କୁମାର ସାମଲ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଅନିତା ସାହୁ ଧନ୍ୟବାଦ ଦେଇଥିଲେ।




CUTTACK Edition
Page No.27 January 26, 2023